ନଈ ବୋଲ ମାନିଲା



• ପ୍ରକାଶକ •
ମନୋରମା ପବ୍ଲିଶର୍ସ
କଟକ • ୭୫୩୦୦୨

Digitized by srujanika@gmail.com

ନଈ ବୋଈ ମାନିଈା

ଲେଖିକା
କୁମାରୀ ସାବରମତୀ

ପ୍ରଥମ ପ୍ରକାଶ : ୧୯୮୯

ପ୍ରକାଶକ

ମନୋରମା ପବ୍ଲିଶର୍ସ
ବାଲୁବଜାର, କଟକ-୭୫୩୦୦୨

ମୂଲ୍ୟ : ୮ ଟଙ୍କା ମାତ୍ର

Digitized by srujanika@gmail.com

ବିଷୟ ସୂଚୀ

ନଈ ବୋଲ ମାନିଲା	୩
ପାଉଁରୁଟିର ନିଜ କଥା	୯
ବଣ ଗଇଜର ଭିତର କଥା	୧୭
ଧୂଆଁର କରାମତି	୨୫
ବାଉଁଶ କେମିତି ରୂପ ବଦଳାଇଲା	୩୩

Digitized by srujanika@gmail.com

ନଈ ଢୋଲ ମାନଲା

ହରପୁର ଗାଁଟା ଛୋଟ ନୁହେଁ କି ବଡ଼ ନୁହେଁ । ଶହେ ଘର, ଲୋକ ପାଞ୍ଚ ସାତଶହ ହେବେ । ସବୁ ପ୍ରକାରର ଲୋକ ରହନ୍ତି । ଗାଁ'ଟି ଖୁବ୍ ସୁନ୍ଦର । ଦକ୍ଷିଣପଟ ଘନ ଜଙ୍ଗଲ । ଖରାଦିନେ ଭଲ ଦକ୍ଷିଣା ବାଆ ବହେ ବଣଆଡ଼ୁ । ଶାଳ ବଣ । ଭଲ କାଠ ବି ମିଳେ । ଗାଁ' ଭିତରକୁ ପଶୁ ପଶୁ ପିଜୁଳି ବଗିଚା । ବଗିଚାଟା ଦାସ ଘରଙ୍କର ।

ଆଗ ବଡ଼ ଜମିଦାରୀ ଥିଲା । ଆଜିକାଲି ଏଇ ବାଡ଼ ବଗିଚାରୁ ଚଳୁଛନ୍ତି । ଫଳନ୍ତି ସମୟରେ କୋଶେ ବାଟକୁ ବାସନା ଚହଟୁ ଥାଏ । ବଡ଼ ବଡ଼ ପିଜୁଳିରେ ଗଛ ଭର୍ତ୍ତି ପଡ଼ୁଥାଏ । ଆଉ ଗୋଟେ ପଟେ କେନାଲ । ବର୍ଷକ ବାର ମାସ, କେବେହେଲେ ପାଣି ଛାଡ଼େନ । କେନାଲ ହୁଡ଼ାରେ ଧାଡ଼ଧାଡ଼ ନଡ଼ିଆ ଗଛ ଲାଗିଛି । ଏଇ ଦ' ବର୍ଷ ହେଲା ଲାଗିଛି । ଫଳ ଆସିନ । ଛୋଟ ଛୋଟ ଗଛଗୁଡ଼ାକ ଝାମ୍ପୁରା ଝାମ୍ପୁରା ହୋଇ ଖୁବ୍ ସୁନ୍ଦର ଦିଶୁଛି ।

ପୂର୍ବ ପଟକୁ ପଳାଶ ବଣ । ଫଗୁଣ ମାସରେ ସତେ ଯେମିତି ବଣଟାଯାକ ନିଆଁ ଲାଗିଯାଏ ! ନାଲି ନାଲି ଫୁଲରେ ପୋଡ଼ ହୋଇ ପଡେ ଗଛ ସବୁ । କୋଉଠି

Digitized by srujanika@gmail.com

ଗୋଟିଏ ହେଲେ ପକ୍ଷ ଦୁଶେନ । ରଙ୍ଗ ଜରଜର ପଳାଶ ବଣରୁ ବାସନା ଆସେନ । ହେଲେ ବଣର ଶୋଭା ଦେଖିଲେ ବାଟରେ ଯିବା ଲୋକ ଘଡ଼ିଏ ଛିଡ଼ା ହେବ ।

ଗାଁ ମଝିରେ ବହିଯାଉଛି ସାପୁଆ ଝର ନଈ ସୁଅଟା ଅଙ୍କାବଙ୍କା ବୋଲି ବୋଧେ ତା' ନାଁଟା ଏମିତି କି କ'ଣ ! ବେଶୀ ବଡ଼ ନଈ ନୁହେଁ । ହେଲେ ପାହାଡ଼ ଝର ପରି ନହାତି ଛୋଟ ମଧ୍ୟ ନୁହେଁ । ଖୁବ୍ ତରତରରେ ଧାଇଁ ଥାଏ ସବୁବେଳେ । ଗୋଟିଏ ସେକେଣ୍ଡ ବି ଅଟକି ଯାଏନ । ସତେ ଯେମିତି କେତେ କାମ ଅଛି ତା'ର ! ମୁହୂର୍ତ୍ତେ ଫୁରୁସତ ନେବାକୁ ବେଳ ନାହିଁ । ଗାଁ ପିଲେ ନଈରେ ପହଁରନ୍ତି, ବନଶୀ ପକାନ୍ତି । ଖରାଦିନେ ନଈପାଣି କାହିଁ କୋଉ ତଳକୁ ଗୁଞ୍ଜିଯାଏ । ଗୋଟେ ଗୋଟେ ଜାଗାରେ ବାଲି ପଠା ସବୁ ଦିଶେ ।

ଲୋକେ ଯିଏ ଯାହା କାମରେ ଲାଗିଥାନ୍ତି । କିଏ କାଠ ଆଣେ, କିଏ ଗୃହବାସ କଥା ବୁଝେ । କିଏ ହାଟକୁ ପନିପରିବା ବିକିବାକୁ ନିଏ । ପିଲାଏ ବଣବୁଦାରୁ କୋଳି ପାରନ୍ତି, ଛତୁ ତୋଳନ୍ତି ଆଉ ପାଠ ପଢ଼ିଯାଆନ୍ତି । ସ୍ତ୍ରୀ ଲୋକମାନେ ଘରକାମ କରନ୍ତି । ହେଲେ ନଈଟା କାହା କଥା ନ ଶୁଣି, କାହାକୁ ନ ଗୃହିଁ ଲଙ୍ଗଳା ଫୁଙ୍ଗୁଳା ହୋଇ ଧାଇଁଥାଏ । ବେପରୁଆ ଭାବରେ ବିଦିଗୁଡ଼ା କଟାଇଦିଏ, ଭୁଛାଟାରେ ।

Digitized by srujanika@gmail.com



ଏବେ ଗାଁ ଲୋକେ ବିଚାର କଲେ, କେମିତି ନଣ୍ଟାକୁ କାମରେ ଲଗାଇବେ । ହେଲେ ନଣ୍ଟା କି କାମରେ ଲାଗିବ ଯେ ! ସିଏ ଖାଲି ବର୍ଷାଦିନେ ଗାଁ'ଗଣ୍ଡା ଭସାଇବ । କିନ୍ତୁ ସତରେ ତା' ନୁହେଁ । ତାକୁ ଯାହା କହିବ ସେ ତାହା କରିବ । ହେଲେ ତାକୁ କିଛି ଆସେନା । ଶିଖେଇ ଦେଲେ ସେ ସବୁକାମ ଭଲରେ କରିଦେବ । ତାକୁ ଶିଖାଇ ଦେଲେ ସେ ଘରକରଣା କାମରେ ସାହାଯ୍ୟ କରିବ, ଜମି ବାଡ଼ ହଳ କରିବ । ପନିପରିବା କିଆରୀକୁ ପାଣି ବି ମଡ଼େଇବ । ଆଉରି କେତେ ଗପ ଗୀତ ମଧ୍ୟ ଶୁଣେଇବ ।

ପ୍ରକୃତରେ ନଣ୍ଟା ଖୁବ୍ ବଳୁଆ ଯେ ! ବର୍ଷାଦିନେ ପାଣି ବଢ଼ିଗଲେ ବଡ଼ ବଡ଼ କାଠସବୁ ଭସାଇ ନେଇଯାଏ ।

Digitized by srujanika@gmail.com

ସତେ ଯେମିତି ଛୋଟ କାଠ ଛାଲଗୁଡ଼ାକ ! ଆଉ ନଈଟାକୁ ଏତେ କମ୍ ବଳୁଆ ଭାବନ୍ତି । ଯଦି ନଈ ପାରହେବାକୁ ଚାହିଁବ, ତାହାଲେ ବଳ ଖର୍ଚ୍ଚ ନ କଲେ ସେ କାନ୍ଧି କୁଆଡ଼େ ଭସେଇ ନେବ ଯେ ! ନଈର ଏତେ ବଳ... ଅଥଚ କିଛି କାମରେ ଲାଗି ପାରୁନି । ଏଇଟାତ ଭାରି ଖରାପ କଥା ।

ହେଲେ ଗାଁ ଲୋକେ ମଧ୍ୟ ଛାଡ଼ିବାର ନୁହଁନ୍ତି । ସେମାନେ ଗୋଟିଏ ଉପାୟ ପାଞ୍ଚିଲେ । ନଈଟାକୁ ବାନ୍ଧେଇ ଦେଲେ । ଏଥର ନଈଟା ଗୋଟାଏ ମଝବୁଡ଼ିଆ ଯନ୍ତାରେ ପଡ଼ିଗଲା । ପାଣିସବୁ ଜମା ହେଲା ବନ୍ଧ ପାଖରେ । ତା' କଢ଼ିବାଟେ ବୁଲାଇ ଗୋଟିଏ ନାଳ ଖୋଳିଲେ । ବାସ୍ ! ନଈତ ଆଗରୁ ବାଟ ଖୋଜୁଥିଲା, ନୂଆ ବାଟ ପାଇ ଅନ୍ଧଙ୍କ ପରି ଭୁସ୍‌ଭାସ ହୋଇ ଧାଇଁଲା । ହେଲେ ଗାଁ ଲୋକେ କ'ଣ ନଈକୁ ଛାଡ଼ନ୍ତି ?

ଠିକ୍ ତା' ଆଗକୁ ଗୋଟିଏ ବଡ଼ିଆ

ଚକଲଗା ମେସିନ୍ ରଖିଥିଲେ । ନଈର ପାଣି ଏତେ ଜୋର୍‌ରେ ପଡ଼ିଲା ଯେ, ଚକଟା ଘିରି ଘିରି ହୋଇ ଖୁବ୍ ଜୋର୍‌ରେ ଘୂରିଲା । ସେଇଠୁ ଲୋକେ ଛୋଟିଆ ଜେନେରେଟରଟିଏ ବସାଇଲେ । ଧାଡ଼ି ଧାଡ଼ି କରି ଖୁଣ୍ଟି ପୋତି ତାର ଖଞ୍ଜିଦେଲେ । ଏଥର କିନ୍ତୁ ଭାରି ମଜା

Digitized by srujanika@gmail.com

ହେଲା । ଏହାପରେ ସେଥିରୁ ବିଜୁଳି ଶକ୍ତି ବାହାରିଲା । ଆଉ ତାରରେ ତାରରେ ଚାଲିଲା ।

ହେଲେ ବିଜୁଳି ଗଲା କୁଆଡ଼େ ? ସେଇଠୁ ତ ଅସଲ ମଜା ବାହାରିଲା । ବିଜୁଳି ଶକ୍ତି ଜେନେରେଟର୍‌ରୁ ବାହାରି ତାରରେ ତାରରେ ଗଲା । ତା'ପରେ ଯାଇ ସମସ୍ତଙ୍କ ଘରେ ଓହ୍ଲାଇଲା, କୋଉଠି ଯାଇ କାହାଘରେ ଆଲୁଅ ଦେଲା । ଆଉ କାହାଘରେ ଲୁଗାପଟା ଇସ୍ତ୍ରୀ କଲା । ଆଉ କୋଉଠି କାହା ଘରକୁ ଯାଉଯାଉ ଅଟା ପେଷା କଳ ପାଖରେ ଅଟକି ଗଲା । କାହାଘରେ ରେଡ଼ିଓ ଲଗାଇ ଗୀତ ଶୁଣାଇଲା ।

Digitized by srujanika@gmail.com

ଗାଁ ଦାଣ୍ଡର ଅବସ୍ଥା ମଧ୍ୟ ବଦଳାଇ ଦେଲା ନଈ । ଗାଁ ଦାଣ୍ଡରେ ଧାଡ଼ି ଧାଡ଼ି ହୋଇ ବିଜୁଳିବତୀ ଲାଗିଲା । କୂଅ ସବୁରେ କେଁ କେଇଁଆ ପୋକଖିଆ ଟେଣ୍ଡା ବଦଳରେ ମୋଟର ଚଳାଇଲା । ପାଣି ସବୁ ଭସ୍‌ଭସ୍‌ ହୋଇ ବାହାରିଲା କୂଅରୁ । ଜମି ସବୁ ଶୃଷ ମଧ୍ୟ କଲା ଯେ !

ତା'ପରେ ସେଇଦିନୁ ନଈ ମଧ୍ୟ ଲୋକଙ୍କ ସହିତ ଖୁସୀ ମନରେ କାମ କଲା । କେତେ କାମ ଯେ ଲୋକ-ମାନଙ୍କର କରି ଦେଲା ତା'ର କିଛି ଠିକଣା ନାହିଁ । ଆଉ ଅମାନିଆ ହୋଇ ଏଣେ ତେଣେ ବହିଗଲା ନାହିଁ । ଏଥିରୁ ନଈର କାମରେ ଖୁସି ହେଲେ ସମସ୍ତେ । ଗାଁ ଲୋକେ କୁହା କୁହି ହେଲେ, "ଆମ ନଈଟା କେଡ଼େ ଭଲ ସତେ ! ଶିଖାଇ ଦେବାରୁ କେତେ କାମ କରିଦେଲା ।"



Digitized by srujanika@gmail.com

ପାଉଁରୁଟିର ନିଜ କଥା

ପାଉଁରୁଟିବାଲା ଗାଁ'କୁ ଆସିଥିଲା । ମିନୁ କିଣିଲା । ପାଖରେ ଅଜା ବସିଥିଲେ । ତାଙ୍କୁ ଗୋଟେ ଯାଚିଲା । ଅଜା ପାକୁଆ ପାଟିରେ ହସି ଦେଲେ । କହିଲେ, "କିଲେ, ମୋ ପେଟ କ'ଣ ଏଥିରେ ପୂରିବ ? ମୋର ପରା ସକାଳ ଜଳଖିଆ ବୋଡ଼େ ଚୂଡ଼ା । ଯାଚୁଛୁ ଯେବେ ଦେ' ଗୋଟେ ।" ମିନୁ ଅଜାଙ୍କୁ ପଚାରିଲା, "ପାଉଁରୁଟି କେମିତି ତିଆରି ହୁଏ ଅଜା ?" ସେ ବା କେମିତି ଜାଣିବେ । ଏଗୁଡ଼ାକ ଏ ଯୁଗର କଥା ।

ମିନୁର ଆଈ ପରା ଷରପିଠା କରୁଥିବ ଯେ, ଉଠିବାକୁ ମନ ହେବନି । ଆଉ ଏଗୁଡ଼ାକ ତ ପାଚିଆ ପରି ହେଉଛି । ପାଟିରେ ପକାଇଲେ ମିଳେଇ ଯାଉଛି । ପଚାଶ ଖଣ୍ଡ ହେବ ଖାଇଲେ ବି ପେଟ ପୂରୁନି ।

ଅଜା କହିଲେ, "ଏଗୁଡ଼ାକ ତୁମ ପାଇଁ ତିଆରି । ମତେ କିଏ କହୁଛି କି ନା ମୁଁ ଦେଖିଛି । ମୁଁ କେମିତି ଜାଣିବି ଏ ଦରବ କେମିତି ତିଆରି ହୁଏ ।"

Digitized by srujanika@gmail.com

ମୁଁ ଯାଇ ପହଞ୍ଚିଲି । ପଚାରିଲି "ଅଜା, କାହିଁକି ତୁମେ ସେତେବେଳେ ନାତୁଣୀ ସାଙ୍ଗରେ ଲାଗିଛ ?" ମିନୁ ପଚାରିଲା, "ପାଉଁରୁଟି କେମିତି ତିଆରି ହୁଏ ଅପା ? ଆମେ ଜାଣିନୁ ବୁଝାଇ ଦେବୁ ?"

"ହଁ, ହଁ କାହିଁକି ନୁହେଁ । ଶୁଣ କହୁଛି ।

"ମିନୁ, ଇଏ ବି ଆଣ୍ଟର ପିଠାପରି ଗୋଟିଏ ରକମର ପିଠା । ହେଲେ ତୁମ ଚୁଲିପରି ଚୁଲିରେ ଏଗୁଡ଼ା ତିଆରି ହୁଏନି । ଏହାର ମେସିନ୍‌ପାତି ସବୁ ଅଲଗା ।

"ଅନେକ ଜାଗାରେ ଗହମ ଚାଷ ହୁଏ । ଚାଷୀମାନେ ଗହମ ସବୁ ବିକ୍ରୀ କରନ୍ତି । ଗହମ ବଡ଼ବଡ଼ ବସ୍ତାରେ ପଶି ଟ୍ରକ୍‌ରେ ବସି ଦୋକାନ ଆସେ । ତମ ପାଉଁରୁଟି କାରଖାନାର ମାଲିକ ତାକୁ କିଣିଆଣନ୍ତି । ତାକୁ ଗୋଟିଏ କଳରେ ପକାଯାଏ । ଠିକ୍ ତୁମର ଅଟାପେଷା କଳପରି ସେଇଟା । ସେଥିରୁ ଯେଉଁ ଚୂନା ବାହାରେ ଆହୁରି ସରୁ ହେବାକୁ ପୁଣି ଏକ କଳ ଚାଲୁଣିରେ ଚଲାହୁଏ । ସେଥିରୁ ଯେଉଁ ଚୂନା ବାହାରିଲା ତା' ନାଁ ମଇଦା । ସେଥିରେ ତୁମ ପାଉଁରୁଟି ତିଆରି ହୁଏ ।

"ସେ ଏଥର ପୁଣି ବସ୍ତାରେ ପଶି ମାଲିକର ଭଣ୍ଡାର ଘରେ ଆସି ରହେ । ତା' ପରି କେତେ ବସ୍ତା ଥାକ ମରା ହେଇଥା'ନ୍ତି । ସେ ଅପେଇଥାଏ ତା' ପାଳି ପଡ଼ିବାପାଏ ।

Digitized by srujanika@gmail.com



"ଯେତେବେଳେ ତା' ପାଳି ପଡ଼େ ସେତେବେଳେ ଜଳ ଚାଳୁଣିରେ ଚାଲିଯାଏ । ଏମିତରେ ଅଳିଆ ସବୁ ବାହାରିଯାଏ । ସେମାନଙ୍କୁ ଏଥର ନେଇ ଗୋଟିଏ ବଡ଼ କୁଣ୍ଡରେ ଭର୍ତ୍ତି କରାଯାଏ । ସେଇ କୁଣ୍ଡ ବା ଡସଲାଗୁଡ଼ିକ ଖୁବ୍ ବଡ଼ । ସେଥିରେ ଚକ ଲାଗିଥାଏ । ସେମାନେ

ସେମାନେ ଗଡ଼ଯା'ନ୍ତି ଆଉ ଗୋଟିଏ ଜାଗାକୁ । ସେଠି 'ଇଷ୍ଟ୍' ବୋଲି ଗୋଟିଏ ମସଲା ଥାଏ । ସେଇଟା ଠିକ୍ ଛତୁ ତଳର ଟିକିଟିକି ରେଣୁ ପରି ହୋଇଥାଏ । ଏତେ ଛୋଟ ଯେ ଆଖିରେ ଦେଖି ହୁଏନି ।

"ସେଗୁଡ଼ାକ ଠିକ୍ ପରିମାଣ ଅନୁଯାୟୀ ମିଶା ହୁଏ ।"

"ଥିକ୍ ପରିମାଣଟା ଜଣାପଡ଼େ କେମିତି ?" ପଚାରିଲା ମିନୁ ।

Digitized by srujanika@gmail.com

"ଶୁଣ, ସେ ଉପଲରେ ମାପ ହୋଇ ମଇଦା ରହିଥାଏ । ଆଉ ସେଠି କାମ କରୁଥିବା ଲୋକେ ଜାଣନ୍ତି ଯେ, କେତେ ଇଷ୍ଟ୍ ଦରକାର ସେ ମଇଦାକୁ । ଏଇ ଇଷ୍ଟ୍ ସବୁ ପାଉଁରୁଟିକୁ ଫୁଲାଇ ଦିଅନ୍ତି । ତା'ପରେ ଉପଲ ଯା'ନ୍ତି ପାଣି, ଲୁଣ, ଚିନି ଆଣିବାକୁ । ସେ ସବୁ ବି ମପା ହୋଇ ଦିଆଯାଏ । ଏ କାମଗୁଡ଼ା ଏତେ ଜଲ୍‌ଦି ହୁଏନା, ତୁ ସତ କରିବୁନି ।

"ତା'ପରେ ସେଗୁଡ଼ିକ ଚକଟା ହୁଏ । ଠିକ୍ ତୋ' ବୋଉ ଅଟା ଚକଟିଲା ପରି ଚକଟା ହୁଏ ମଇଦା । କିନ୍ତୁ କେହି ହାତରେ ଚକଟେନି । କିଏ ବା ଚକଟିବ ଏମିତି ଉପଲ ଉପଲ ମଇଦା ସବୁ ? ହାତ ବାତ ହେଇଯିବ ଯେ ! କଳଟିଏ ଅଛି ସେଥିପାଇଁ । ତା'ର ଲୁହାର ବଡ଼ ବଡ଼ ହାତ ଅଛି । ସେଥିରେ ସେ ସୁନ୍ଦର ଭାବେ ଚକଟି ପକାଏ । କୋଉଠି କିଛି ସାଲୁବାଲୁ ହୁଏନି । ଏମିତି ଗୋଟିଏ ପରେ ଗୋଟିଏ ଉପଲ ଧାଡ଼ିବାନ୍ଧି ଆସନ୍ତି । ସେ ଠିକ୍ ଭାବରେ ସବୁ ମଇଦା ଚକଟି ପକାଏ ।

ଉପଲଗୁଡ଼ିକ ତା' ପରେ ଯା'ନ୍ତି ଆଉ ଗୋଟିଏ ଯାଗାକୁ । ଚୁପ୍‌ଚାପ୍ ବସିଥା'ନ୍ତି । ଅନେଇଥା'ନ୍ତି ଡାକରା ଆସିବା ପାଇଁ । ସେତେବେଳେ କିନ୍ତୁ 'ଇଷ୍ଟ୍' ତାଙ୍କ କାମ କରୁଥା'ନ୍ତି । ସବୁ ଚକଟା ମଇଦାକୁ ଫୁଲେଇ ଦିଅନ୍ତି । ଠିକ୍ ସମୟରେ ସବୁ ଫୁଲିଯାଏ ।

Digitized by srujanika@gmail.com



ତା'ପରେ ପୁଣି ଚାଲନ୍ତି ସେମାନେ । ଓଲଟେଇ ଦଅନ୍ତିଏ ତସଲାମାନଙ୍କୁ । ନ ହେଲେ ମଇଦା ଚକଟାଗୁଡ଼ାକ ବାହାରିବେନି । ଫୁଲିଯାଇ ଅଳସୁଆ ହୋଇ ପଡ଼ିଥା'ନ୍ତି । ସେଗୁଡ଼ାକ ଗୋଟିଏ କଳ କାହାଳୀ ଭିତରେ ପଶନ୍ତି । ସାପପରି ତଳବାଟେ ଲମ୍ବା ହୋଇ ସର୍‌ସର୍ ଚାଲେ । ଛୁରୀଟାଏ ଆସେ । ସେ ବି କଳଛୁରୀ । ସେଇ ମଇଦାର ସାପଟାକୁ ଠିକ୍ ଭାଗ କାଟି କାଟି ଯାଏ ।

ଏଥର ଶ୍ରମିକମାନେ ପ୍ରକୃତ କାମ ଆରମ୍ଭ କରନ୍ତି । ତାଙ୍କ ନିଜ ପୋଷାକ ଉପରେ ଖୁବ୍ ଧଳା ପୋଷା ପିନ୍ଧିଥା'ନ୍ତି ।

Digitized by srujanika@gmail.com

"କାହିଁକି ଅପା ?" "ନ ହେଲେ ପାଉଁରୁଟି ସବୁ ସଫା ରହିବେନି । ଅସନା ହେବେ । ଆଜି ତମେ ତାକୁ ପାଟିରେ ମାରିବନି । ସେମାନେ ଡାକ୍ତର, ନର୍ସ ପରି ଦିଶନ୍ତି ।

"ସାପପରି ହୋଇଥିବା ମଇଦାକୁ ତ ଛୁରୀ କାଟି ସାରିଥାଏ । ସେମାନେ ଖୁବ୍ ସଅଳ ସଅଳ ସେ କଟା ମଇଦାକୁ ଟିଣର ଛୋଟ ଛୋଟ ଖୋପରେ ପୂରାଇଦିଅନ୍ତି । ତୁମେ କାବା ହେଇଯିବ ସେ କାମ ଦେଖି । ସେଇସବୁ ଖୋପ ପୁଣି ଗୋଟିଏ ଦୋଳିରେ ବସନ୍ତି । ଝୁଲି ଝୁଲି ଆରାମରେ ଚାଲନ୍ତି ଛୁଆମାନଙ୍କ ପରି । ତା'ପରେ ଗୋଟିଏ ବଡ଼ ଆଲମାରୀ ପରି ଯାଗାରେ ରହନ୍ତି ଧାଡ଼ିବାନ୍ଧି । ସେଇଠାରୁ ଖୁବ୍ ଗରମ ବାହାରୁଥାଏ ।

ତାଙ୍କୁ ତ ଗରମ ଭଲ । ଗରମ ପାଇ ଫୁଲେଇ ପଉଁରୁଟି ଆଉରି ମୋଟା ହେଉଥା'ନ୍ତି । ଖୁବ୍ ଫୁଲୁଥା'ନ୍ତି । ତୁମେ ପଢ଼ ଯିବନା ଅଜା, ସେ ବାସନାରେ ଲାଳ ବୋହି ଯିବ । ଦେଖିବ ସବୁଗୁଡ଼ାକ ସମାନ ହେଇଥିବେ । ନ ହେଲେ କଳି କରିବେ ଯେ ! ଟିକିଏ ଜାଗାପାଇଁ ମାଡ଼ଗୋଳ ହୋଇଯିବେ ।

ଯେତେବେଳେ ଠିକ୍ ଭଜି ହୋଇଯିବେ, ଗୋଟିଏ ଲୁହା ପଟିରେ ଆସି ବସିଯିବେ । ସେ ପଟିଟା ଧୀରେ ଧୀରେ ଚାଲୁଥାଏ । ମଇଦା ଏଥର ରୁଟି ହୋଇଗଲେ । ତୁମେ କିନ୍ତୁ ଖାଇପାରିବନି ସେତେବେଳେ । ଖୁବ୍ ତାତିଥା'ନ୍ତି ସେଗୁଡ଼ାକ ।

Digitized by srujanika@gmail.com

ସେ ଲୁହାପଟିରେ ବସି ପାଉପାଉ ଆଗରେ ବଡ଼ ଥାଳୀଟିଏ ପଡ଼େ । ସେଠି ହାଲଆ ମାରନ୍ତ । କାକର ହୋଉଥା'ନ୍ତ ।

କାକର ହେଲା ପରେ ପୁଣି ଏକ ଲୁହା ପଟିରେ ବସି ଆଗକୁ ଯା'ନ୍ତ । ଶ୍ରମିକମାନେ ତାଙ୍କୁ ଟେକି ନେଇ ସେଇ ପଟିରେ ବସଉଥା'ନ୍ତ । ଏଥର କାଗଜଗୁଡ଼ା ହେବାର ପାଳି । କାଗଜ ଗୁଡା ନ ହେଲେ ତୁମ ପାଖକୁ ଆସୁ ଆସୁ ଅସନା ହେବେ । କେହୁ ଖାଇବେନ । ସେଇଥି ପାଇଁ କାଗଜର ପୋଷାକ ପିନ୍ଧି ପଳାନ୍ତ । ତୁମ ପାଖକୁ ଝ ଫୁଙ୍ଗୁଳା ଆସିବାକୁ ଲଜ ଲାଗେ ସେମାନଙ୍କୁ ।

ସେଇଠୁ ଗୋଟି ଗୋଟି କରି ଗଣା ହୋଇ ରୁଟି ଡବାରେ ପଶି ଗାଡ଼ିରେ ବୋଝେଇ ହୁଅନ୍ତ । ଦୋକାନୀ

Digitized by srujanika@gmail.com

ପାଖକୁ ଆସନ୍ତି । ବଡ଼ ଦୋକାନରୁ ହରଖ କଣିଆଣି ତା' ଉବାରେ ପୂରାଏ । ଏଥର ସେ ତମ ଗାଁ'କୁ ଆସିବ ।

ମୀନୁ କହିବ । ଅଜା ବି ଲୋଭେଇ ଯାଇ ଟାଙ୍କିକାଳ ଯାଲେ କି ଗୋଟେ ଖାଇ ଦେବେ ।

ହସିଲେ ସମସ୍ତେ ।

ମୁଁ କହିଲି, "ଦେଖିଲ ଅଜା ! କେତେ ଲୋକ, କେତେ ମେସିନ୍ ଖଟୁଛନ୍ତି ଏ ପାଉଁରୁଟି ଖଣ୍ଡେ ପାଇଁ ?"

●

ବଣ ଘରଜର ଭିତର କଥା

ଖାସ୍ ଏଇ ବଣଟା ପାଇଁ ଗାଁ ଦବାଡ଼ିଆ ହୋଇଗଲା । ଏତେ ବଡ଼ ଗାଁ । ଏଇ ବଣ ପାଇଁ କେତେ ଥର ସଭା ହେଲା ଦେଉଳ ମୁଣ୍ଡେ । କେତେ ପୁରୁଖା ଲୋକେ କେତେ ବୁଝେଇଲେ । ହେଲେ ଦଳେ ଜିଦ ଧରି ବସିଲି, ବଣଟା ଯାହା ହେଲେ ବି ସଫା ହେବ ।

ଆଉ ଦଳେ କହିଲେ, ବଣ କୋଉକାଳେ କିଏ ସଫା କଲାଣି ? ଏକଥା କୋଉଠି କେବେ ଦେଖା ନ ଥିଲା କି ଶୁଣା ନ ଥିଲା । ଯାହାକୁ ସିନା ଯିଏ । ବଣରେ ଝାଟି ଲଟି

Digitized by srujanika@gmail.com

ରହିବନି ଆଉ କେମିତି ମ ? ହେଲେ ଆଉ ଦଳକ କହିଲେ, ଯୁଗ ବଦଳିଲାଣି । ଆଉ ସେ ପୁରୁଣା କାଳିଆ କଥାକୁ ଧରି ବସିଲେ ଚଳିବନି । ତମେ କୋଉ ଅସିଆ-କାଳର ମସିହା ରୀତି ନୀତି ବତେଇବ ଯେ, କିଏ ଶୁଣିବ ହେ ? ଅସଲ କଥାଟି ତ ସଳଖେ କହିବ ଯେ, ଆମେ ଏତେ ପରିଶ୍ରମ କରିପାରିବୁନି ବୋଲି । ଆଉ ଏଣୁ ତେଣୁ କ'ଣ ବତଉଛ ? କହେ ଏମିତି ଅଳିଆ ଅରମା ଝଟିଲଟି ଥିଲେ ବଣକୁ ସୁନ୍ଦର ଦିଶେ ?

ବଣଟା ଛୋଟ ଛୋଟ ବୁଦାରେ ଭରିଗଲାଣି । ଛୋଟ ଗଛସବୁ ବଢ଼ି ଯିବାରୁ ବଡ଼ ଗଛ ସବୁ ପାଣି ପାଇପାରୁ ନାହାନ୍ତି । ଦି' ମଣିଷ ଉଚ୍ଚର ଉଇ ହୁଙ୍କା ସବୁ ବଣଟାଯାକ

Digitized by srujanika@gmail.com

ମାଡ଼ିଗଲାଣି । ଶୁଖିଲା ପତ୍ର ପଡ଼ି ମାଟିରେ ପବନ ପା' ଆସ କରି ପାରୁନ । ସେଗୁଡ଼ାକ ସବୁ ସଫା କରିଦେଲେ ବଡ଼ ଗଛ ସବୁ ଭଲ ବଢ଼ିପାରିବ । ତାହାହେଲେ ସିନା ବଣଟା ସୁନ୍ଦର ଦିଶିବ !

ଗୃଷକାମ ସରିଲା । ଦଳକପାକ ବାହାରିଲେ ଜଙ୍ଗଲ ସଫା କରି । ନିଶା ତ ଲାଗିଛି ବଣ ସଫା କରିବେ । ସବୁ ଶୁଖିଲା ଡାଳପତ୍ର ହାଣିବାକୁ ଲାଗିଲେ । କୁଢ କୁଢ଼ ଡାଳ ପତ୍ରସବୁ ଏକାଠି ହେଲା । ପୁରୁଖା ଲୋକେ କିନ୍ତୁ ଭାରି ମନଦୁଃଖ କଲେ । ତାଙ୍କ କଥା କିଏ ମାନୁନାହାନ୍ତି । ପଛେ ବୁଝିପାରିବେ ଯେ ! ତଥାପି ମୁଣ୍ଡ ଉପରେ ବୋଝ ଗଡ଼ିଲା ବୋଝକୁ ହରି ଅଜା ବଙ୍କୁଲି ବାଡ଼ି ଧରିଲେ । ସେ ଗାଁ'ର ସବୁଠୁ ପୁରୁଖା ଲୋକ । ସମସ୍ତଙ୍କର ଅଜା । ଗାମୁଛାଟି ମୁଣ୍ଡ ଉପରେ ପକେଇ ଦେଇ ବଣଆଡ଼େ ମୁହେଁଇଲେ । ଜଙ୍ଗଲର ହାଲ୍ ଦେଖି କାଠ ହୋଇଗଲେ ଅଜା । ପାହାଡ଼ ପରି ଶୁଖିଲା ଡାଳପତ୍ର ସବୁ ଗଦା ହୋଇଛି । ଅଜା ପାଟି କଲେ, ହଇରେ ହେ ! ଆରେ ମୋ କଥା ଟିକେ ଶୁଣ । କ'ଣ ବଣଟାକୁ ସାରିଦେବ ନା କ'ଣ ? ଖାଲି କ'ଣ ବଡ଼ ବଡ଼ ଗଛକୁ ନେଇ ଜଙ୍ଗଲ ନା କ'ଣ ? ନା ଆଉ କିଛି ଅଛି ମ ?

କେତେଟା ତାଙ୍କ ଭିତରୁ ଛିଗୁଲେଇ ବଗୁଲେଇ ହେଲେ । କିଏ ଗୋଟେ ବାକୁଟିଆଟେ କହିଲା, "ହଉ ପାଅ

ଯାଅ, ଆଈ ପାଖରେ ବଖାଣିବ ଯେ, ଆଜି ଭଲ ଛଅଣ ବାନ୍ଧି ଦେବ ।" ଆଉ ଜଣେ କହିଲା, "ମୋ ବୋପାଲୋ, ବୁଢ଼ା କେତେ ଭୀଷଣ ଝାଡ଼ୁଛି ଦେଖ । ଦାନ୍ତ ବୋଲି ଗୋଟେ ନାହିଁ, ଭୀଷଣ ଝାଡ଼ୁଛି ଯାଇଁ ଯାଇଁ ।" ଆଉ ସବୁ ଦଳକ ଯାକ ହସିଲେ ।

ବିଚରା ବୁଢ଼ା ଆଉ କରନ୍ତେବା କ'ଣ ? ମୁହଁ ଶୁଖେଇ ଫେରିଲେ ଘରକୁ । ତେଣେ ଆଉ ଦଳକ ବଣକୁ ସଫା କରିବାରେ ଲାଗି ପଡ଼ିଲେ । କଣ୍ଟାବୁଦା, ଝାଟି ଲଟି, ସବୁ ସଫା ଚାଲିଲା । କଣ୍ଟେଇ କୋଳି, ବଇଁଚ କୋଳି, କ୍ଷୀର କୋଳି ବୁଦାସବୁ ନପାତ ହୋଇଗଲା । ଚେର ସହିତ ଲଟି ବୁଦା ସବୁ ଉପୁଡ଼ାଇ ପକାଇଲେ । ତା'ପରେ ଚାଲିଲା ଶୁଖିଲା ପତ୍ର ଓଳିଆ । ଯେତେ ଯୋଉଠି ଶୁଖିଲା ପତ୍ର

Digitized by srujanika@gmail.com

ପଡ଼ିଥିଲା, ସବୁ ଓଳେଇ ଆଣି ଗଦା କଲେ । ନିଆଁ ଲାଗିଲା । ଅଳିଆ ସବୁ ଘଡ଼ିକରେ ପୋଡ଼ି ପାଉଁଶ ହୋଇଚାଲିଲା, ବାସ୍ ! ଦଶଦିନ ଭିତରେ ଜଙ୍ଗଲ ସଫା ।

ଜଙ୍ଗଲ ଭିତରେ ଏଥର ପବନ ଭଲରେ ଯିବାଆସିବା କରିବାକୁ ଲାଗିଲା । ବର୍ଷା ଆସିଲା । ଥରଟିଏ ଭଲ ବର୍ଷା ହୋଇଗଲା ପରେ ପାଣିଝର ଯାଇ ଜଙ୍ଗଲ ଭିତରେ ସିଆର ସିଆର ହୋଇଗଲା । ମାଟି ସବୁ ଧୋଇ ହୋଇଗଲା । ତା’ ପରେ ଜଙ୍ଗଲରେ ଅଦ୍ଭୁତ ଅଜବ ଘଟଣାସବୁ ଦେଖିବାକୁ ମିଳିଲା ।

ଗଛସବୁ ଆସ୍ତେ ଆସ୍ତେ ଥୁଣ୍ଟା ହୋଇଗଲା । ପତ୍ର ଝଡ଼ିବା ଦିନ ଆସିବା ଆଗରୁ ପତ୍ର ସବୁ ହଳଦିଆ ପଡ଼ି ଝଡ଼ିବାକୁ ଲାଗିଲା । ଖାଲି ଶୁଖିଲା ଡାଳଟିମାନ ଧରି ଗଛ-ଗୁଡ଼ିକ ଠିଆ ହୋଇ ରହିଲେ । ଶାଗୁଆନ୍ ଗଛର ଅଗଗୁଡ଼ିକ କେମିତି ମୁରୁଚୁଣ୍ଡିଆ ମୁରୁକୁଟିଆ ହୋଇଗଲା । ଜଙ୍ଗଲସାରା ଏଣେ ତେଣେ ଥୁଣ୍ଟା ମଲା ଗଛ ସବୁ ଠିଆ ହେଲେ । ଶାଳୁଆ ଗଜାର ପତ୍ରସବୁ କେମିତି ଜାଲିଜାଲୁଆ ଆଉ ସରୁସରୁ ହୋଇଗଲା । ଗୃରଆଡ଼େ ଦରପାଚିଲା ପତ୍ରର ବିଛଣା । ସଫା ହେବାର ସେମିତି କିଛି ବେଶୀଦିନ ଯାଇନି, ପୋଉ ଅଳିଆକୁ ସେଇ ଅଳିଆ । ବଣ ସଫା କରିଥିବା ଦଳଙ୍କର ବୁଦ୍ଧି ବଣା ହୋଇଗଲା । କାହାକୁ କିଛି କହି ନ ପାରିଲେ ମଧ୍ୟ ମନେ ମନେ ପ୍ରମାଦ ଗଣିଲେ । ଆଗଚାଲି

Digitized by srujanika@gmail.com

ହୋଇ ତ ବଣ ସଫା କରୁଛନ୍ତି । ଆରଦଳଙ୍କ କଥା ବିରୋଧ କରୁଛନ୍ତି । ଏବେ ଯଦି ବଣ ଉଜୁଡ଼ି ଯାଏ, କ'ଣ କରିବେ ?

ସେତେବେଳେ ଯାଇ ସେମାନେ ହରି ଅଜାଙ୍କ ଶରଣ ପଶିଲେ । ପୁଣି ଦେଉଳ ମୁଣ୍ଡେ ସଭା ବସିଲା । ଦି'ଦଳ ବସିଲେ ଏକାଠି । ନଶାପ ହେଲା । ହରିଅଜା ମଣ୍ଡପ ଉପରେ ବସିଲେ । ବଣ ସଫା କଲାବାଲା "କାହିଁକି ଏମିତି ହେଲା" ବୋଲି ପଚାରିଲେ, ସେଇଠୁ ଅଜା ବୁଝେଇଲେ ।

ଜଙ୍ଗଲ କହିଲେ ବଡ଼ ଗଛକୁ ବୁଝାଏନି । ଜଙ୍ଗଲ ହେଉଛି ବଡ଼ ବଡ଼ ଗଛ, ଝଟିଲଟି, କଣ୍ଟାଝଟା ଆଉ ବୁଦା-ଗୁଡ଼ିକର ଗୋଟିଏ ସହର । ଆଉ ତା'ର ବାସିନ୍ଦା ହେଉଛନ୍ତି

Digitized by srujanika@gmail.com

କେତେ ପ୍ରକାର ଛୋଟ ବଡ଼ ଚଢ଼େଇ, କେତେ କିସମର ଜନ୍ତୁଜାନୁଆ ।

ଆରେ ଆମେ ସବୁ କେମିତି ଗାଁରେ କେତେ ଜାତିର ଲୋକ ଏକାଠି ମିଳିମିଶି ଚଳୁ ? କାହାର କ'ଣ ଅସୁବିଧା ହେଲେ ସଭିଏଁ ସାହାଯ୍ୟ କରନ୍ତି । ଜଙ୍ଗଲରେ ମଧ୍ୟ ଅବିକଳ ସେହିପରି ଘଟେ । ଜଙ୍ଗଲରେ ଝାଟିଲଟି, ବୁଦା ଗଛ ଆଉ ବଡ଼ ଗଛ ସବୁ ବନ୍ଧୁ କୁଟୁମ୍ବ ପରି ଚଳନ୍ତି । ଚଢ଼େଇ ସବୁ ଜଗୁଆଳି, ଆଉ ଅଧିକାଂଶ ଚଢ଼େଇ ରହନ୍ତି ଛୋଟ ଛୋଟ ବୁଦାଗୁଡ଼ିକରେ । ତମେ ସବୁ କ'ଣ ସେତେବେଳେ ମାନିଲ ? ମୁଁ ଏତେକରି କହିଲି, ଲଟି ବୁଦାଗୁଡ଼ାକ କାଟି ପକାନି । ମୋ କଥାକୁ ମାନିଲନି କି ଥୋଇଲନି, ଏବେ ଫଳ ପାଅ ।

କିଏ ଚଢ଼େଇ ବିନା ଗଛ ରଖିବେ ! ତମେ ସବୁ ତ ବୁଦା କାଟି ଦେଲ । ସେମାନେ ଆଉ କୋଉଠିକୁ ଉଡ଼ିଗଲେ । ଚଢ଼େଇମାନେ କ'ଣ କେବେ ଅଳସୁଆ ହୋଇ ବସିଥାଆନ୍ତି କି ? ପ୍ରତିଦିନ କେତେ ପୋକ ମାରି ଖାଆନ୍ତି । ଚଢ଼େଇମାନେ ଉଡ଼ିଗଲାରୁ ପୋକ ମାଛିଙ୍କ ଭାଗ୍ୟ ବଦଳି ଗଲା । ହୁ ହୁ ହୋଇ ବଢ଼ିଗଲେ । ସୈନ୍ୟ ଫଉଜ

ପରି ଗଛଗୁଡ଼ାକୁ ଆକ୍ରମଣ କଲେ । କିଏ ପତ୍ରରୁ ରସ ଶୋଷି ନେଲଣି ତ ଆଉ କିଏ ଚେରସବୁ କୋରି ଖାଇ ଗଲାଣି । ଚେର ଆଉ ପତ୍ରବିନା ଗଛ କୋଉଠି ବଞ୍ଚିଲାଣି ?

Digitized by srujanika@gmail.com



ହଁ, ଆଉ ଗୋଟିଏ କଥା । ବୁଦା ଲଟି କାଟିଦେଲ । ଶୁଖିଲା ପତ୍ର ଓଳେଇ ପୋଡ଼ ଦେଲ । ବରଷା ଆସିଲା । ଉପର ମାଟିସବୁ ଧୋଇ ହୋଇଗଲା । ତଳର ଗୋଡ଼ ପଥର ଦିଶିଲା । ଆଉ ପତ୍ରସବୁ ସଢ଼ି ଥିଲେ ଗଛପାଇଁ ଭଲ ହୋଇଥାନ୍ତା । ସେଗୁଡ଼ା ତ ଗଛର ଖେଚେଡ଼ । ତା' ପରେ ଦେଖୁନ ବରଷା ପାଇଛୁ କି ନ ପାଇଛୁ, ବଣଟା ସାରା ଶୁଖି ଠା' ଠା' କରୁଛୁ । ପତର ଥିଲେ, ଲଟି ବୁଦାଥିଲେ ସିନା ତାଙ୍କ ତଳେ ବରଷା ପାଣି ଲୁଚେଇ ରଖିଥା'ନ୍ତେ । ମାଟି ଓଦା ହୋଇ ରହିଥାନ୍ତା । ପୁଣି ବରଷା ଆସିଲା ଯାଏଁ ଜଙ୍ଗଲରେ ପାଣି ଅଭାବ ହୋଇ ନ ଥା'ନ୍ତା ।

Digitized by srujanika@gmail.com

ପୁଣି ଏ ପୋକଗୁଡ଼ାକ ତ ସର୍ବଗିଳା । ଇମିତ ଯଦି ଆଉ ମାସେ ଛାଡ଼ିଦେବ, ତାହାହେଲେ ସେଗୁଡ଼ା ଦଉଁ ଖାଇ ଖଟୁଲି ଖାଇଯିବେ । ଏବେ ତ ତାଙ୍କର ଭୋଜିଭାତ ଲାଗିଛି । ପଙ୍ଗତ ପତ୍ର ପଡ଼ୁଛି । ଆଉ ଭୋଜି ସରିଲାପାଏଁ ଯଦି ଅପେକ୍ଷା କରିବ, ତା'ହେଲେ ସେମାନେ ଭୋଜି ଟେବୁଲ ବା ପଙ୍ଗତ ପତ୍ରକୁ ମଧ୍ୟ ଗିଳିଯିବେ ।

ତେଣୁ ଏବେ ବି ବେଳ ଅଛି । ଯାଅ, ଛୋଟ ଛୋଟ ବୁଦାଗଛର ମଞ୍ଜି ବୁଣିଦିଅ ଜଙ୍ଗଲଯାକ । ଆଉ ସେ ପତ୍ର ଓଲେଇ ସଫା କରନ୍ତ । ମଞ୍ଜି ବୁଣିବା କ'ଣ ଦରକାର ଯେ, ଖାଲି ତ ଛାଡ଼ି ଦେଲେ ଆଉ ମାସେଠିକି ଜଙ୍ଗଲ ସାରା ବୁଦାରେ ଭରିଯିବ । ତା'ର ଡେର ନାହିଁକି ? ଛୋଟ ଛୋଟ ବୁଦା ଉଠିଲେ ଚଢ଼େଇ ଆସିବେ । ପୋକ ଭୋଜି କରିବେ । ତା'ହେଲେ ଯାଇ ଜଙ୍ଗଲର ଭାଗ୍ୟ ବଦଳିବ । ମୁଁ କ'ଣ କହୁଛି ବୁଝୁଛ ନା ନାହିଁ ?

ସେମାନେ ହଁ ଭରିଲେ । ଜାଣିଲେ ଯେ, ଅଜା ଯାହା କହୁଛନ୍ତି, ବୁଝି ବିଚାରି କହୁଛନ୍ତି । ଦ'ଦଳ ଏକାଠି ହେଲେ । ହରି ଅଜାଙ୍କ କଥା ମାନି ବୁଦାଗଛ ଲଗାଇବାକୁ ଗଲେ ।

●

Digitized by srujanika@gmail.com

ଧୂଆଁର କଗ୍ରମଣ୍ଡ

ବନୁ ଭାଉଜା ଆଜି ପୋଖରୀ ତୁଠରେ ଖୁବ୍ କାନ୍ଦିଲା । କେତେ ଛେଚବାଡେଇ ହେଲା । ତାକୁ ଅନେଇ ହେଲାନ । କେତେଟା ବରଷ ହେଲା ବାହା ହେଇଥିଲା କି ? ଏଇ ବରଷ ଛଅଟା ହେବ । ଗୋସ୍ତ ଢକଢକ ମଣିଷଟା । ବଡ଼ ପାରିବାର । ସତେ ମ, ତା' ବିକଳ ସହ ହେଲାନ । ବାଡ଼-ଆଡ଼େ କଥା ହେଉଥିଲେ ନଟ ଭାଉଜା ଓ ସରବୋଉ ।

"କ'ଣ ପାଇଁକି ନାନୀ ?" ପଚାରିଲା ନଟ ଭାଉଜା । ସରବୋଉ କାନଟା ଭିଡ଼ ଆଣିଲା । ଦେଢ଼ଶୁର କୂଅବାଟେ ଚାଲିଗଲେ । ସେ ଟିକେ ଆଡ଼ ହୋଇ ରହିଲା । ଦେଢ଼ଶୁର ଗଲାଠୁ ସରବୋଉ କଥା ଆରମ୍ଭ କଲା ।

"କ'ଣ ହେବ ଲୋ ଆଉ ? ଗିରସ୍ତକୁ ବେମାର ହୋଇଗଲା । ସହରକୁ ଯାଇଥିଲା । କୋଉ କଳରେ କାମ କରୁଥିଲା । କେତେ ଟଙ୍କା ପଠଉଥିଲା ଭାଉଜା ପାଖକୁ । ହେଲେ ଦେଖ, ଦଇବ ତା' ସୁଖ ସହିଲାନ ।"

"ସତେ ମ ନାନୀ, ବନୁଆଟା ବଡ଼ ଭଲ ପିଲା । ମଲା ମାଛକୁ ମ' କହେନ । ସଭିଙ୍କ ସୁଖ ଦୁଃଖରେ ପାଖରେ

Digitized by srujanika@gmail.com

ଠିଆ ହେବ । ହେଲେ ଦେଖ ତାକୁ କି ଦଶା ହେଲା ।”
ଓଢ଼ଣାଟା ଟାଣିଦେଇ କହିଲା ନଟବରିଆ ।

ବନୁଆକୁ ଟିବି ବେମାର ହୋଇଗଲା । ଗାଁ'ଯାକ ଜାଣିଲେ । ସଭିଏଁ ଆହା ଆହା କଲେ । ଗଜା ଭେଣ୍ଡିଆଟା । ଏବେ ବଡ଼ି ହୋଇଥିଲା । ତା' ଘରବାଲି ବାହୁନା ଶୁଣିଲେ ଗଛ ପଥର କାନ୍ଦିବ ।

କଲିକତାକୁ ମଜୁରୀ ଖଟି ଯାଇଥିଲା । ଗାଁ'ରେ ତ ମଜୁରୀ ମିଳିଲାନି ! ହାତକୁ ଦ'ହାତ ହେଲାଠୁ ବେଶୀ ଭାତ, ଲୁଗା ଲୋଡ଼ା ହେଲା । ଘରବାଲିକୁ ସୁଖରେ ରଖିବ ବୋଲି ଗଲା ଯେ, ତାକୁ ଅକାଳ ମାଡ଼ି ଆସିଲା । କାଶି କାଶି ବେଦମ୍ । ଖାଲି ରକତ ପଡ଼ୁଛି । ଦେହ ଶୁଖି କଳାକାଠ ।

ଆଜିକାଲି ବାହାରେ ରହି ପାଠ ପଢ଼ୁଥିଲା ସାହୁକାର ଘର ଝିଅ ମାନୀ । ସେ ବି ଶୁଣିଲା । ବନୁ ଘରବାଲି ଏ ଦୁଃଖ । ବନୁ ଘରବାଲିକୁ ତାକୁ ବହୁତ ଭଲ ଲାଗେ । ଭଲ ଝିଅଟି । ପୁନେଇଁ ପର୍ବରେ ଆସି ଘର କାମରେ ସାହାଯ୍ୟ କରିଦିଏ । ପିଠା, ଚାଉଳ ଗଣ୍ଡେ ଦେଲେ ମହାଆନନ୍ଦରେ ଯାଏ । ମାନୀ ମନଟା ଶୁଖିଗଲା । ଠିକ୍ କଲା ତାଙ୍କ ଘରକୁ ଯିବ ।

ମାନୀକୁ ତାଙ୍କ ଦୁଆରେ ଦେଖି ବନୁଘରିଆ କାବା ହେଇଗଲା । ତା' ପାଟିରୁ କଥା ବାହାରିଲାନି । ଆଖି ଦୁଇଟା ବଡ଼ ବଡ଼ କରି ପଚାରିଲା, "ନାନୀ ତମେ କେମିତି...।"

Digitized by srujanika@gmail.com

ପାଟିରୁ କଥା ଛଡ଼େଇଦେଲା ମାନୀ । ପଚାରିଲା, "ବନୁ କୋଉଠି ଅଛୁ ଦେଖେଇଲୁ ? ଘର ବା କେତେ ବଖରା ? ସେ କବାଟ କଣରେ ବସିଥିଲା ବନୁଆ । ହାତ ଦେଖେଇ ଦେଲା ତା' ସ୍ତ୍ରୀ । ସତରେ ବିଚରୀଟା ଖୁବ୍ ଝଡ଼ିଯାଇଛି । କଙ୍କାଳମାନ ହେଇଯାଇଛି । ତାକୁ ଚାହିଁଲା ମାନୀ । ହିଁ, ଲୋକଟାକୁ ଅନେଇ ହେଉନ । ଖୁବ୍ ହିନମାନିଆ ହେଇ ଯାଇଛି । ଟିବି ହେଇଛି ତା'ହେଲେ ତାକୁ !

ଫେରିପଡ଼ି ଚାହିଁଲା ତା' ସ୍ତ୍ରୀକୁ । କହିଲା, "ସେ କଲକତାରେ ଥିବାବେଳେ ତୋତେ କେତେ ଟଙ୍କା ଦେଇଥିଲା । ତୁ ବୋଧହୁଏ କିଛି ସାଇତି ରଖିଥିବୁ । ଚାନ୍ଦପୁରରେ ଟି. ବି. ଡାକ୍ତରଖାନା ଅଛି । ସେଠିକୁ ନେଇଯା' । ତା'ପରେ ଯାହା ହେବ ଦେଖିବା । ଅଭାବ ହେଲେ ମୋତେ କହିବୁ ।"

Digitized by srujanika@gmail.com

ଘରକୁ ସେଦିନ ଆସିଲା ମାନୀ । ତା' ପରଦିନ ତାଙ୍କ ଘରକୁ ଦୁଇଜଣପାକ ଆସିଲେ । ସାହୁକାର 'ହଁ' କଲେ କଲେ ବନୁ କଥାରେ । ସେଠୁ ସେମାନେ ବାହାରିଗଲେ ଚାନ୍ଦପୁର ।

କିଛିଦିନ ପରେ ଭଲ ହୋଇ ଆସୁଥିଲା ବନୁଆ । ଡାକ୍ତରବାବୁ ବହୁତ ଭଲ । ସେଦିନ ତାଙ୍କ ପାଳି ନ ଥିଲା । ହେଲେ ଟିକେ ବୁଲି ଆସିଥିଲେ ସମସ୍ତଙ୍କୁ ଦେଖିବାକୁ । ବସିପଡ଼ିଲେ ବନୁଆ ପାଖରେ । ଜୁହାର ହେଲା ବନୁଆ । ତା' ସ୍ତ୍ରୀ ଓଢ଼ଣା ଟାଣିଦେଲା । କଡ଼େଇ ହୋଇ ବସିଲା ।

ବନୁଆ ଚାହିଁଥିଲା ତାଙ୍କୁ । ସେ ହସି ଦେଇ ପଚାରିଲେ, "କେମିତି ଲାଗୁଛିରେ ଆଜି ?" ତା' ମୁହଁଟା ହାର ପିଲାଳିଆ । ହସିଦେଲା ଟିକେ । କହିଲା, "ବାବୁ, ଆପଣ ଥିଲେ, ରୋଗ ନ ଛାଡ଼ି ଯିବ କୁଆଡ଼େ ? ହାତ ପରା ଠାକୁର ହାତ । ଆପଣ ପରା କଥା କହିଦେଲେ ରୋଗ ଅଧା ଛାଡ଼ିଯାଏ ।" ସତେ ସେ ସେମିତି ମଣିଷ । ଲୋକଙ୍କୁ ଲୋଭ ଗ୍ରାସିଲେ ସିନା ଅମଣିଷ ହୋଇଯା'ନ୍ତି । ହେଲେ ସେ ତ ଖାଲି ସମସ୍ତଙ୍କୁ ଭଲପା'ନ୍ତି । ମଣିଷ ପରି ମଣିଷଟିଏ ଏକା । ସମସ୍ତେ ହେଲେ ସେମିତି ଭଲ ମଣିଷ ହୁଅନ୍ତେ !

ଆଚ୍ଛା, ଡାକ୍ତରବାବୁ କହିଲେ, ମୋର ଏମିତି କାହିଁକି ହେଲା ? ମୁଁ ତ ବହୁତ ବଳୁଆ ଥିଲି । ଏବେକାର ଭେଣ୍ଡିଆ ଲୋକ ।

Digitized by srujanika@gmail.com

ଡାକ୍ତରବାବୁ ତ ଜାଣିଥିଲେ ସେ କାରଖାନାରେ କାମ କରିବା କଥା । ସେ ଜାଣିପାରିଲେ ଏମିତି କାହିଁକି ହେଲା । ବୁଝାଇବା ଆରମ୍ଭ କରିଦେଲେ ।

କାରଖାନାରେ ଧୂଆଁ ଆଉ ଧୂଳି ଭର୍ତ୍ତି । ବାବୁମାନେ ଦୂରରେ ଭଲ ଘରେ ରହନ୍ତି । ଆଉ ମଜୁରିଆଙ୍କ ଦୁଃଖ କଥା ନ କହିଲେ ଭଲ । ଘରର ଚାରିପାଖକୁ ଅନେଇ ହୁଏନି । ପଶୁ ପରି ରହନ୍ତିରେ ସମସ୍ତେ । ସେଠି ପିଇବା ପାଣିର ସୁବିଧା ନ ଥାଏ । ଖାଦ୍ୟ କଥା ଛାଡ଼ । ମାଲିକମାନେ ଖୁବ୍ ଖଣ୍ଟାନ୍ତି । ଚାରିଆଡ଼େ ଅପରିଷ୍କାର । ନିଃଶ୍ୱାସ ବନ୍ଦ ହୋଇ ଯାଉଥାଏ ।

ସତେ ବାବୁ, ଆଜିକାଲି ସହରଗୁଡ଼ା ଏମିତି ! ଆମେ ତ ଏମିତି ରହୁଥିଲୁ । ମୋତେ ଜମା ଭଲ ଲାଗୁ ନ ଥିଲା ।

Digitized by srujanika@gmail.com

ଏଇଠି ଏଇ ଗାଁ ମାଟିରେ କେତେ ଶାନ୍ତି । ଖାଲି ପେଟ ପାଇଁ ଚିନ୍ତା କଥା ।"

"ହଁ ଶୁଣ, କାରଖାନାରେ ତ ତୁମର ଖୁବ୍ ଧୂଳି ଧୂଆଁ ହେଉଥିବ । ମାଲିକମାନଙ୍କର ଚିନ୍ତା ନ ଥାଏ । ତୁମ ମାଲିକର ବି ନ ଥିବ । ଏମିତି କ'ଣ ଗୋଟିଏ କଳ ଥାଏ ନା, ଏଇଟା ଗୋଟିଏ କଳର କଥା । ସବୁ କଳରୁ ଧୂଆଁ ବାହାରେ । ଧୂଳି ବାହାରେ । ଅସନା ଜିନିଷ ବାହାରେ । ସେଥିରୁ କିଛି ମଇଳା ପାଣିରେ ମିଶେ ତ ଆଉ କିଛି ମଇଳା ପବନରେ ମିଶେ । କେଉଁଟା ପୁଣି ମାଟିରେ ମିଶି ମାଟି ଦୂଷେଇ ଯାଏ । ଆମ ପାଇଁ ପାଣି, ପବନ ନିହାତି ଦରକାର । ଗାଁ ପାଣି, ପବନ ସଫା ବୋଲି କେତେ ଶାନ୍ତି



Digitized by srujanika@gmail.com

ଲାଗେ । ସେଠି କିନ୍ତୁ ସବୁବେଳେ ରୁନ୍ଧିରୁନ୍ଧି ଲାଗେ । ଆମେ ସେଇ ବଷେଇ ଯାଇଥିବା ପାଣି, ପବନ କାମରେ ଲଗଉ । ମନେରଖିଥା, ଆମ ଦେହଟା ବି କଳଟିଏ । ଏମିତି ଅସନା ପାଣି, ପବନ, ଖାଇବା ଜିନଷ ଦେହ ଭିତରକୁ ଗଲେ, ସେ କଳଟା ବିଗିଡ଼ ଯାଏ । ତାକୁ ରୋଗ ଧରେ । ସେ ଚଳେନ । ସେଥିରେ ପୁଣି ତୁମର ଖଟଣୀ ।"

"ଯାହା କହିଲେ, ସବୁ ସତ ବାବୁ । ସେ ସହରରେ ତ ଏମିତି ହୁଏ । ସବୁ କଳରୁ ଧୂଆଁ ବାହାରେ; ସବୁ କଳରୁ ମଇଳା ବାହାରେ । ସବୁ ମଇଳା ଏକାଠି ହେଲାଠୁ ପାଣି, ପବନ କ'ଣ ସଫା ରହିବ ? ଆମେ ସେଠି ପବ ଘୁଞ୍ଚୁରୀ,

Digitized by srujanika@gmail.com

କୁଳୁର ପର ରହିଥିଲୁ । ମୁଁ ଭଲ କରୁଛୁ ତାଙ୍କୁ ସାଥିରେ ନେଇନ । ନ ହେଲେ ସେ ବି ଏମିତି ହୋଇଥାନ୍ତା ।”

“ହଁ’ରେ ବନୁ । ତୁ କ’ଣ ଏକା, ଏମିତି ଅନେକ ରୋଗ ହେଉଛନ୍ତି । ମଣିଷର ପାଣି, ପବନ ଦରକାର । କିନ୍ତୁ ତାଙ୍କୁ ଜାଣି ଜାଣି ସେ ନଷ୍ଟ କରି ଦେଉଛୁ । ହେଲେ ଅସଲ କଥା ହେଲା, ଏସବୁ କାମ କରନ୍ତି କମ୍ ଲୋକ । ସେଥିପାଇଁ ରୋଗ ଭୋଗନ୍ତି ବହୁତ ସାଧାରଣ ଲୋକ, ସେମାନେ ବି ଭଲ ଖାଇବାକୁ ପାଆନ୍ତିନ । ଖଟନ୍ତି ବହୁତ । ରହନ୍ତି ଅସନା ଜାଗାରେ । ସେଥିପାଇଁ ରୋଗ ହୋଇ ବହୁତ ଦୁଃଖ ସହନ୍ତିରେ !”

“ସତ ବାବୁ, ସହର କ’ଣ ଆଉ ମଣିଷ ରହିବା ଜାଗା ଭଲ ହେଉଛି ! ନରକପୁରୀ ହେଲାଣି । ଏକଥା ସବୁ ସଭିଏଁ ବୁଝିବେ, ସମସ୍ତେ ଭଲରେ ରହିପାରନ୍ତେ । ନ ହେଲେ କ’ଣ ଯେ ହେବ ମୁଁ ବୁଝିପାରୁନ ।”

Digitized by srujanika@gmail.com

ବାଉଁଶ କେମିତି ରୂପ ବଦଳେଇଲା

ଗୋପାଳବାବୁ ଏଇ ଥର ପାଞ୍ଚଦିନ ହେଲା ବଦଳି ହୋଇଛନ୍ତି ଦଶପଲ୍ଲାରୁ ଚଉଦ୍ୱାର । ବଜାର ପାଖରେ ଘର ପାଇଛନ୍ତି । ସାଥୀରେ ସ୍ତ୍ରୀ, ଛଅ ବରଷର ଝିଅ ରାଧା, ବାପା ଆଉ ମା' । ଟ୍ରକ୍‌ରେ ଜିନିଷପତ୍ର ଆସିଲା । ସେମାନେ ସମସ୍ତେ ଗାଡ଼ି ଭଡ଼ା କରି ଆସିଲେ । ଚଉଦ୍ୱାରରେ ପହଞ୍ଚିଲା ବେଳକୁ ବେଳ ରତରତ । ସୂର୍ଯ୍ୟ ବୁଡ଼ି ଗଲେଣି । ଖୁବ୍ ହାଲିଆ ହୋଇ ଯାଇଥିଲେ ସମସ୍ତେ । ସେଇଠୁ ଜିନିଷପତ୍ର ବନ୍ଧାବନ୍ଧି ହୋଇ ଗାଡ଼ିରେ ଲଦା ହେଲା । ପୁଣି ଏଠି ଆସି ସବୁ ଓହ୍ଲା ହେଲା । ଗୋପାଳବାବୁ ପାଖ ହୋଟେଲରୁ ରୁଟି, ତରକାରୀ କିଣି ଆଣିଲେ । ସେତକ ଖାଇ କିଏ କୋଉଠି ଶୋଇ ପଡ଼ିଲେ ।

ରାତି ପାହିଲା । ଗୋପାଳବାବୁ, ତାଙ୍କ ସ୍ତ୍ରୀ ଆଉ ମା' ଜିନିଷପତ୍ର ଥୁଆ ସଜଡ଼ାରେ ଲାଗିପଡ଼ିଲେ । ଗୋପାଳବାବୁ ସବୁ ବନ୍ଧାବନ୍ଧି ଫିଟାଉଥା'ନ୍ତି । ତାଙ୍କ ସ୍ତ୍ରୀ ଆଉ ମା' ସବୁ ସଜାଡ଼ି ରଖୁଥାନ୍ତି । ହେଲେ ତାଙ୍କ ବାପା ଆଉ ରାଧାର କ'ଣ କାମ ? ତାଙ୍କର ଖାଲି ଖାଇବା ଭଲ ତ ସେମାନେ ଭଲ । ସକାଳୁ ସକାଳୁ ଦାନ୍ତପତର ଘଷି ଗାଧୁଆ ପାଧୁଆ କଲେ । ଚୂଡ଼ା କଦଳୀ ଟିକିଟି ପେଟେ ଠାଙ୍କି ଦେଲେ । ସେଇଠୁ ବୁଢ଼ା ନାତୁଣୀକୁ ଧରି ସହର ବୁଲି ବାହାରିଲେ ।

Digitized by srujanika@gmail.com

ବୁଲୁ ବୁଲୁ ରାଧା ଦୂରରୁ ଜୋର ଧୂଆଁ ଉଠୁଥିବାର ଦେଖିପାରିଲା । ଡରରେ ତା ଆଖି ବଡ଼ ବଡ଼ ହୋଇଗଲା । ସେ ପାଟିକରି କହିଲା, ଜେଜେ ! ଦେଖିଲ, ସେଇଠି ନିଆଁ ଲାଗିଯାଉଛି । ଚାଲ ଆମେ ଦେଖିବାକୁ ଯିବା । ଜେଜେ ବି ସାଙ୍ଗେ ସାଙ୍ଗେ ଚମକି ପଡ଼ିଲେ । ହେଲେ ଧୂଆଁଟାକୁ ଦେଖି ପାକୁଆ ପାଟି ମେଲେଇ ଦେଇ ହସି ହସି ଗଡ଼ିଗଲେ । କହିଲେ, ଏଇ କଥାକୁ, ନାଆ ପେଲି ଦେଲି କଲିକତାକୁ । ତୋ ବୁଢ଼ୀମା'କୁ ବି ଯେତେବେଳେ କଉଦୁଆର ବୁଲେଇ ଆଣିଥିଲି, ସିଏ ବି ଏମିତି ଚଇଚଇ ରଢ଼ ଛାଡ଼ିଥିଲା ଧୂଆଁ ଦେଖି । ଆଲୋ ହୁଣ୍ଡି ସେଇଟାପରା କାଗଜକଳର ଚିମିନି । ସେଇଥିରୁ ଏମିତି ଧୂଆଁ ବାହାରୁଛି । ତୁ ଯୋଉ କାଗଜରେ ଲେଖୁଛୁ ସେଇ କାଗଜ ସବୁ ଏଇ କଳରେ ତିଆରି ହୁଏ । ଆଜି ଚାଲେ ସହର ବୁଲିବା । କାଲି ବୁଢ଼ୀମା'କୁ ଧରି ଆସିବା ଯେ, କାଗଜକଳ ଦେଖିବାକୁ ଯିବା । ସେମାନେ ତା'ପରେ ଆଉ କେତେ ଜାଗା ବୁଲି ଘରକୁ ଫେରିଗଲେ ।

ପରଦିନ ସକାଳ ନଅଟା ବେଳକୁ ଜଳଖିଆ ସାରି ବୁଢ଼ା ପାନଖଣ୍ଡେ ଖାଇଲେ । ବୁଢ଼ୀ ତ ବୁଲି ଯିବେ ବୋଲି ଗୋଡ଼ କାଢ଼ି ବସିଛନ୍ତି । ରାଧା ଆଉ ବୁଢ଼ୀମା'ଙ୍କୁ ଧରି ଜେଜେ ବାହାରିଲେ କାଗଜକଳ ଆଡ଼କୁ । ସେମାନେ କାରଖାନାରେ ପହଞ୍ଚି ଭିତରକୁ ଯିବାପାଇଁ ଅନୁମତି ଆଣିଲେ । ତା'ପରେ ଭିତରକୁ ପଶିଲେ ।

Digitized by srujanika@gmail.com

ପ୍ରଥମେ ସେମାନେ ଦେଖିଲେ ବାଉଁଶ ବୋଝେଇ ଟ୍ରକ୍ ସବୁ । ଅସୁମାରୀ ବାଉଁଶ ଗଦା ହୋଇଛି । ରାଧା କହିଲା, ଜେଜେ, କ'ଣ ଏଠି ନୂଆ ଘର ତିଆରି ହେବ କି ? ଏତେ ବାଉଁଶ କ'ଣ ଥୁଆ ହୋଇଛି ? ବୁଢ଼ା ତ ହସିହସି ଗଡ଼ିଗଲେ ।

ବୁଢ଼ା ସେଇଠୁ ରାଧାକୁ ବୁଝେଇ ଦେଲେ । କହିଲେ, ତୁ ଯୋଉ ଧୋବ ଫରଫର ନରମ କାଗଜରେ ଲେଖୁଛୁ, ସେହି କାଗଜସବୁ ଏଇ ବାଉଁଶରୁ ତିଆରି ହେଉଛି । ଆମେ ଦଶପଲ୍ଲାରେ ଥିଲାବେଳେ ଜଙ୍ଗଲରୁ ଯୋଉ ବାଉଁଶ ଟ୍ରକ୍ ସବୁ ଧାଡ଼ି ଧାଡ଼ି ହୋଇ ଯାଉଥିଲା ତୋର ମନେ ଅଛି ? ସେହି ବାଉଁଶ ସବୁ ଏଠିକୁ ଆସିଛନ୍ତି । ତାଙ୍କ ଭାଗ୍ୟରେ ଅଛି କାଗଜ ହେବା ପାଇଁ । ତାଙ୍କ ପାଳି ପଡ଼ିନି ତ, ତେଣୁ ବାହାରେ ଅପେକ୍ଷା କରିଛନ୍ତି । ଆଉ ଯୋଉମାନଙ୍କ ପାଳି ଏବେ ପଡ଼ିଛି, ତାଙ୍କ ଅବସ୍ଥା ଆସ ଦେଖେଇ ଦେବି ।

ରାଧା ମଝିରେ ରହି ବୁଢ଼ା ବୁଢ଼ୀ ଦି'ଜଣଙ୍କ ହାତଧରି ଚାଲିଲା । ସେମାନେ କାରଖାନା ଭିତରେ ପଶିଲେ । ଘର୍ ଘର୍ ଶବ୍ଦରେ କାନ ଅତଡ଼ା ପଡ଼ିଯାଉଥିଲା । ରାଧାକୁ ଡର ଲାଗୁଥିଲା । ବୁଢ଼ୀମା'ଙ୍କୁ ମଧ୍ୟ ଡର ଲାଗୁଥିଲା । ଖାଲି ରାଧା ଥଟ୍ଟା କରିବ ବୋଲି ବଡ଼ ଦର୍ପରେ ଚାଲିଥାନ୍ତି ସେ । ସେଠି ବଡ଼ ବଡ଼ ଘର ଭିତରେ ବେଢ଼ଙ୍ଗିଆ କାଳିଆ ବିଚକାଟିଆ କଳ ସବୁ କଳକଳ ରଡ଼ି ଛାଡ଼ି ଚାଲୁଥାନ୍ତି ।

Digitized by srujanika@gmail.com

ପ୍ରଥମେ ସେମାନେ ଯାଇ ପହଞ୍ଚିଲେ ଗୋଟିଏ ବହୁତ ବଡ଼ କାଳିଆ ଅଖାଡ଼ୁଆ ଯନ୍ତ୍ର ଆଗରେ । ରାଧାର ଆଖି ପାଉ ନ ଥାଏ । ଏଡ଼େ ବଡ଼ ରାକ୍ଷସ ପରି କଳଟା ଦେଖି ତାକୁ ଭାରି ଡର ଲାଗିଲା । ସେ ଦେଖିଲା ବାଉଁଶ ସବୁ ସେଥିରେ ଭର୍ତ୍ତି ହେଉଛି । ସେଠି ଜଣେ ଲୋକ ସେ କଳ ଚଳାଉଥିଲା । ସେ ରାଧାକୁ ବୁଝେଇ ଦେଲା, ଏଇ କଳର କରାମତ କିଛି କମ୍ ନୁହେଁ ଯେ ! ସେ ଏତେ ଲମ୍ବା ଲମ୍ବା ବାଉଁଶଗୁଡ଼ିକୁ ଛୋଟ ଛୋଟ କରିଦେଉଛି । ଭିତରି ବାଉଁଶଗୁଡ଼ାକ ଯନ୍ତ୍ରଟାର ଆର ମୁଣ୍ଡରୁ ଦାନ୍ତକାଠି ପରି ହୋଇ ବାହାରୁଛନ୍ତି ।

ସେଇଠୁ ସେମାନେ ଆଗେଇଲେ । ରାଧାକୁ ଭାରି ଆଶ୍ଚର୍ଯ୍ୟ ଲାଗୁଥାଏ ଯେ, ଏ ଅପରିଷ୍କାର ଟାଣୁଆ ବାଉଁଶରୁ କେମିତି ଏତେ ସୁନ୍ଦର ଧୋବ ଫରଫର କାଗଜ ତିଆରି ହେଉଛି । ତା'ପରେ ରାଧା ଗୋଟାଏ ଭାରି ମଜା କଥା ଦେଖିଲା । ବାଉଁଶ ଖଣ୍ଡଗୁଡ଼ିକ ଯାଇ ଗୋଟିଏ ବଡ଼ କଡ଼େଇରେ ପଡ଼ିଲେ । ସେ କଡ଼େଇଟା ଏତେ ବଡ଼ ଯେ, ବୋଧହୁଏ ଭାତ ରାନ୍ଧିଲେ ସାରା ଚଉଦୁଆର ଲୋକ ଖାଇ-ଦେବେ । ସେ କଡ଼େଇରେ ପାଣି ପଡ଼ୁଥାଏ । ବାଉଁଶ ଖଣ୍ଡ ସବୁ ପାଣିରେ ଘାଣ୍ଟି ହେଉଥାଏ ।

ସେଇଠି ମଧ୍ୟ କେତେକ ଶ୍ରମିକ କାମ କରୁଥାଆନ୍ତି । ବୁଢ଼ା କହିଲେ, ମୋ ନାତୁଣୀକୁ ଟିକେ ବୁଝେଇ ଦେଲ ଏଇଠି କ'ଣ ରନ୍ଧା ହେଉଛି । ଗୋଟେ ଲୋକ କହିଲା,

Digitized by srujanika@gmail.com



ଏଠି ବାଉଁଶ ଖିରି ହେଉଛି । ବାଉଁଶ ଖିରି ! ରାଧା ମୁହଁ ଆମ୍ବିଳିଆ କରିଦେଲା । ଇସ୍ ! ବାଉଁଶରେ ପୁଣି ଖିର ! କି ଗନ୍ଧ ! ଖିର କ'ଣ ଏମିତି ଗନ୍ଧାଏ । ସେ ଲୋକଟି ହସି ହସି କହିଲା ଏ ଖିରୀରେ ହିଁ ତମ କାଗଜ ସବୁ ତିଆରି ହୁଏ । ଏଗୁଡ଼ା କେହି ଖାଆନ୍ତିନି । ତମ ଘରେ ଖୀର, ଚିନି, ଚାଉଳ ଦେଇ ଖିରି ହୁଏ । ହେଲେ ଏ ଖିରି ପାଣି, ବାଉଁଶ ଖଣ୍ଡ ଆଉ ଗୋଟେ ପ୍ରକାରର ସୋଡ଼ାରେ ତିଆରି ହୁଏ । ଏ ବାଉଁଶ ଏମିତି ବାରଘଣ୍ଟା ସିଝିଲା ପରେ ଖିରି ତିଆରି ହୁଏ ।

Digitized by srujanika@gmail.com

ତା'ପରେ ସେମାନେ ଆଉ ଗୋଟିଏ କଳ ପାଖକୁ ଗଲେ । ଗଧାକୁ ଏଥର ଆଉ ଡର ଲଗୁ ନ ଥାଏ । ମଜା ଲଗୁଥାଏ । ଏଠି ସେ ଦେଖିଲା, ସେ ଝିରୀସବୁ ଆସି ଆଉ ଗୋଟିଏ କଳରେ ଢଳା ହେଲେ । ସେଠି ଖୀରସବୁ ସଫା ହେଲେ । ଏଥର କଳା କାଦୁଅ ପରି ଦଶୁଥିବା ବାଉଁଶ ଖୀରୀ ଗୁଡ଼ା ଧଳା ଫରଫର ଦଶିଲେ । ତା'ପରେ ଯାଇ ପଡ଼ିଲା ଗୋଟାଏ ଲମ୍ବାଟ ବଡ଼ ଚାଲୁଣୀରେ । ସେ ଚାଲୁଣୀଟା ଧିରେ ଧିରେ ହଲୁଥିଲା । ଖୀରୀସବୁ ସେଥିରେ ପଡ଼ି ବାଉଁଶର ଖଦଡ଼ଅଂଶ ଉପରେ ରହିଗଲା ଆଉ ତଳେ ରହିଲା ଆହୁରି ସଫା ଆଉ ଚକ୍‌କଣ ଖୀରି । ଏଗୁଡ଼ାକ ଲୁଗାରେ ଦେବାକୁ ତିଆରି ହୋଇଥିବା ମଣ୍ଡପରି ଦଶୁଥିଲା । ସେ ମଣ୍ଡରେ ପୁଣି ପାଣିଢ଼ଳା ହୋଇ ଆହୁରି ଚକ୍‌କଣ ହେଲା ଆଉ ଗୋଟିଏ ସରୁ ଚାଲୁଣୀରେ ।

Digitized by srujanika@gmail.com

ଏଥର ଆଉ ଗୋଟିଏ ମଜା ଜିନଷ ଆସିଲା । ରାଧା ଦେଖିଲା ମଣ୍ଡ ସବୁ ଗୋଟିଏ ସରୁ ଜାଲଉପରେ ଢାଳହୋଇ ଗଲା । ଆସ୍ତେ ଆସ୍ତେ ସେଥିରୁ ପାଣି ନିଗିଡ଼ି ତଳେ ଜମାହେଲା । ଆଉ ଉପରେ ଅଠାଳିଆ ମଣ୍ଡ ରହିଗଲା । ପୁଣି ଆଉ ଗୋଟିଏ କଳରେ ପଶି ମଣ୍ଡ ଗୁଡ଼ା ପତଳା ଆଉ ଚିକ୍କଣ ହେଲେ । ରାଧା କହିଲା । ଓଃ ! କେତେ ଘଷିମାଜି ଚିକ୍କଣ କରୁଛନ୍ତି ମ ! ସେଇଠି ଜଣେ ଶ୍ରମିକ ହସି ହସି କହିଲା, ଆରେ ଆଟର, ଘଷିମାଜି ଚିକ୍କଣ ନକଲେ ତମ ଖାତାର କାଗଜସବୁ ଗୋରା ଆଉ ଚିକ୍କଣ

Digitized by srujanika@gmail.com

ହେବେ କେମିତି କହିଲ ? ଖଦଖଦଡ଼ିଆ ଆଉ ଅପରିଚ୍ଛନ୍ନ ଦିଶିବେ । ତମେ ଆଦୌ ଲେଖିବାକୁ ଇଚ୍ଛା କରିବନି ।

ତା'ପରେ ରଧା ଅସଲ ମଜା ଜିନିଷ ଦେଖିଲା । ସେ ଦେଖିଲା ସେ ମଣ୍ଡଗୁଡ଼ାକ ଆଉ ମଣ୍ଡ ହୋଇ ନାହାଁନ୍ତି । ସେଗୁଡ଼ା ଆଖିପିଛୁଳାକେ ଆସି ଗୋଟାଏ ରୋଲର ତଳେ ପଡ଼ିଗଲେ । ଆଉ ସେ ଚାହିଁଲା ରୋଲରର ଆରପଟେ ସୁନ୍ଦର ଚକ୍‌କଣ ଚାକଣ ପତଳା ଗୋରା କାଗଜ ସବୁ ବାହାରି ପଡ଼ିଲେ । କାଗଜ ସବୁ ଏଥର ଶୁଖିଲା ଆଉ ସୁନ୍ଦର ହୋଇଗଲେ । ତା'ପରେ ଆଉ ଗୋଟିଏ ଯନ୍ତ୍ରରେ ଛୋଟ ଛୋଟ ଫର୍ଦ୍ଦରେ କାଟି ହୋଇଗଲା କାଗଜ ସବୁ । ଠିକ୍ ସେମିତି, ଯେମିତି ଦୋକାନରେ ବିକ୍ରୀ ହୁଏ । ତା'ପରେ କାଗଜ ସବୁ ବିଡ଼ାବାନ୍ଧି ହୋଇଗଲେ । ସେଇଠି ଥିବା ଶ୍ରମିକଟି ରଧାକୁ କହିଲା । ଦେଖିଲ ବାଉଁଶ କେମିତି ତା'ର ରୂପ ବଦଳେଇ ଦେଲା ! ଏଥର ବାଉଁଶ ସବୁ କାଗଜ ହୋଇ ତମ ପାଠ ଲେଖା ହେବାକୁ ତିଆରି । ସେମାନେ ସବୁ ଦୋକାନ ଯିବେ ! ଆଉ ସେଇଠୁ ତୁମେ କିଣିନେଇ ଖାତା ସିଲେଇ କରିବ ।

ରଧା ହେଇଠୁ ତା' ବୁଢ଼ାବାପା ଆଉ ମା'ଙ୍କ ସାଙ୍ଗରେ ଘରକୁ ଫେରିଲା । ବାଟରେ କହିଲା, ତା'ହେଲେ ମୁଁ ପାଠ ଲେଖିବା ପାଇଁ ଏତେଲୋକ, ଏତେ କଳକାରଖାନା ଦିନରାତି ଖଟୁଛନ୍ତି । ମୁଁ ତାହାହେଲେ ଏଥର ଭଲପାଠ ପଢ଼ିବି ! ତା'ପରେ ସେମାନେ ତିନିଜଣ ଘରକୁ ଫେରିଲେ ।

ମୁଦ୍ରାକର
ଶ୍ରୀ ଗାୟତ୍ରୀ ପ୍ରିଣ୍ଟୋଗ୍ରାଫସ୍, ଶିବକାଶି

Digitized by srujanika@gmail.com